## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧୋତ୍ସବ, ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଗୋପବନ୍ଧୁ ଛକ, ପୂର୍ବାହ୍ନ ୯ଟା।
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଏବଂ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୧ ବର୍ଷ ପୂର୍ତ୍ତି ଅବସରରେ 'ଭାରତର ସ୍ୱାଧୀନତା' ଓ 'ଲୁହ ଲହୁର କାହାଣୀ କଳାପାଣି' ପୁସ୍ତକ ଉନ୍ମୋଚନ, ସୂଚନା ଭବନ, ପୂର୍ବାହ୍ନ ୯ଟା. ୩୦।
- ଅଗ୍ନିପଥକୁ ବିରୋଧ କରି ସଂଯୁକ୍ତ ବାମପନ୍ଥୀ ଛାତ୍ର ଯୁବ ସଙ୍ଗଠନ ସମନ୍ୱୟ କମିଟିର ଶୋଭାଯାତ୍ରା, ରାଜମହଲ ଛକ, ପୂର୍ବାହ୍ନ ୧୧ ଟା।
- ଉତ୍କଳିକା ପକ୍ଷରୁ ଜାତୀୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ଅପରାହ୍ନ ୩ଟା।
- ସଙ୍ଗୀତ ଭାରତୀର ତ୍ରୟୋବିଂଶତମ ସଙ୍ଗୀତ ଅର୍ଘ୍ୟ, ସୂଚନା ଭବନ, ସନ୍ଧ୍ୟା ୬ଟା. ୩୦।
- ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରପଟ୍ଟରେ ରଥଯାତ୍ରା ପ୍ରଦର୍ଶନୀ ଉନ୍ମୋଚନ, ଓଡ଼ିଶା ଲଳିତ କଳା ଏକାଡେମୀ, ସକାଳ ୭ଟା।
- ରଥଯାତ୍ରା ଅବସରରେ ସାମାଜିକ ଅନୁଷ୍ଠାନ ଦିଶା ଓଡ଼ିଶା ପକ୍ଷରୁ କଳିଯୁଗର ମାନବୀୟ ଲୀଳା ଆଧାରିତ ସାମାଜିକ ନାଟକ 'ଅଦୃଶ୍ୟ ଜଗନ୍ନାଥ'ମଞ୍ଚସ୍ଥ,ଭଞ୍ଜକଳା ମଣ୍ଡପ,ସନ୍ଧ୍ୟା ୭ଟା

**ବାଲିଅନ୍ତା**

- ପିକକ୍ ପକ୍ଷରୁ ବାଲ୍ୟ ବିବାହ ନିଷେଧ ଉପରେ କର୍ମଶାଳା, ବାଲିଅନ୍ତା ବ୍ଲକ ସଭାଗୃହ, ପୂର୍ବାହ୍ନ ୧୧ଟା।

**କଟକ**

- ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ପକ୍ଷରୁ ସହରକୁ ପ୍ରଦୂଷଣମୁକ୍ତ କରିବା ଅଭିଯାନର ଉଦ୍‌ଘାଟନ ଉତ୍ସବ, ଖ୍ରୀଷ୍ଟ କଲେଜ ପରିସର, ସକାଳ ୯ଟା ।
- ମହାରାଷ୍ଟ୍ରର ସ୍କିଲ ଇକୋସିଷ୍ଟମ୍ ଟିମ୍‌ଙ୍କ ସରକାରୀ ଆଇଟିଆଇ ପରିଦର୍ଶନ, ଖପୁରିଆ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା ୩୦।
- ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବାରବାଟୀ ଷ୍ଟାଡିୟମ୍, ଗୋପବନ୍ଧୁବାଗ ଓ ଗୋପବନ୍ଧୁ ଭବନ, ସକାଳ ୮ଟା, ଶ୍ରଦ୍ଧାଞ୍ଜଳି ସଭା, ଗୋପବନ୍ଧୁ ଭବନ, ଅପରାହ୍ନ ୪ଟା ୩୦।
- ଅନ୍ନପୂର୍ଣ୍ଣା ଥିଏଟର(ବି) ଗ୍ରୁପ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ ଈଶ୍ୱର ଆମ ସପକ୍ଷରେ, ଥିଏଟର ପରିସର, ବକ୍ସିବଜାର, ସନ୍ଧ୍ୟା ୭ଟା।

# 'ପ୍ରାଣୀ ଚିକିତ୍ସାଳୟ ଭିତ୍ତିଭୂମି ସୁଦୃଢ଼ କରାଯିବ'

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ପ୍ରାଣୀ ସମ୍ପଦକୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ପଶୁପାଳନ ଚାଷୀଙ୍କୁ ଅତିରିକ୍ତ ରୋଜଗାର ଯୋଗାଇବା ସହ ଗ୍ରାମ୍ୟ ଅର୍ଥନୀତିର ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଗୋପାଳନ ଓ କୁକୁଡ଼ା ପାଳନ ଦିଗରେ ଓଡ଼ିଶା ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଖୁବ୍‌ଶୀଘ୍ର ଅଣ୍ଡା ଓ କୁକୁଡ଼ା ମାଂସ ଉତ୍ପାଦନରେ ମଧ୍ୟ ଓଡ଼ିଶା ସ୍ୱାବଲମ୍ବୀ ହେବ। ଏଥିସହ ଆଗାମୀ ଦୁଇବର୍ଷ ମଧ୍ୟରେ ପ୍ରାଣୀ ଚିକିତ୍ସାଳୟ ଓ ଡିସ୍‌ପେନ୍‌ସାରିଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରାଯିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମଙ୍ଗଳବାର କୃଷି ଭବନରେ ଆୟୋଜିତ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅଧିକାରୀ ଓ ପ୍ରାଣୀ ଚିକିତ୍ସକଙ୍କ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି।

ମନ୍ତ୍ରୀ ସ୍ୱାଇଁ କହିଛନ୍ତି, କିଛି ବର୍ଷ ପୂର୍ବେ ରାଜ୍ୟରେ ଅଣ୍ଡା ଓ ମାଂସ ଉତ୍ପାଦନ ଏବଂ କ୍ଷୀରର ଚାହିଦା ଓ ଘରୋଇ ଉତ୍ପାଦନ ମଧ୍ୟରେ ବୃହତ ବ୍ୟବଧାନ ଥିଲା। ତେବେ ରାଜ୍ୟ ସରକାରଙ୍କ ପ୍ରାଣୀସମ୍ପଦ ବିକାଶ ନୀତିର ସଫଳ ରୂପାୟନ ଦ୍ୱାରା ଏହି ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଛି। ଏଥିସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟରେ ବୃଦ୍ଧି ଘଟିଛି। ସେହିପରି ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୨୦୧୩-୧୪ ମସିହାରୁ ୧୧୭ ଗ୍ରାମରୁ ୧୪୪ ଗ୍ରାମକୁ ବୃଦ୍ଧି ପାଇଛି। ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ

### ଅଣ୍ଡା, କୁକୁଡ଼ା ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ଓଡ଼ିଶା

ବାରିଅଗଣା କୁକୁଡ଼ା ପାଳନକୁ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୨୧-୨୨ ବର୍ଷରେ ବାରିଅଗଣାରେ କୁକୁଡ଼ା ପାଳନ ନିମନ୍ତେ ୨୩ ହଜାର ପରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୨୦୨୨-୨୩ ବର୍ଷରେ ଏହି ଲକ୍ଷ୍ୟକୁ ୫୦ ହଜାର ପରିବାରକୁ ବୃଦ୍ଧି କରାଯାଇଛି। ପ୍ରାଣୀସମ୍ପଦ ବିକାଶ ଦିଗରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର କ୍ଷେତ୍ରସ୍ତରରେ ନିୟମିତ ତଦାରଖ ଓ ସମୀକ୍ଷା ଉପରେ ମନ୍ତ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିବା ସହ ଅଧିକାରୀମାନଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଆର୍. ରଘୁପ୍ରସାଦ ବିଭିନ୍ନ ଯୋଜନାର ସମୀକ୍ଷା କରିବା ଅବସରରେ କହିଲେ, ଆଗାମୀ ଦୁଇବର୍ଷ ମଧ୍ୟରେ ପ୍ରାଣୀ ଚିକିତ୍ସାଳୟ ଓ ଡିସ୍‌ପେନ୍‌ସାରିଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହିତ ପରୀକ୍ଷା ନିମନ୍ତେ ଏକ୍ସରେ, ଅଲଟ୍ରାସାଉଣ୍ଡ ଆଦି ଆଧୁନିକ ମେଶିନ୍ ଯୋଗାଇ ଦିଆଯିବ। ବୈଠକରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ଜିଲାର ସିଡିଭିଓଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସେବକ ନ ହୋଇ ମଧ୍ୟ ମହାପ୍ରଭୁଙ୍କ ସେବା

- ରଥରେ ଲାଗୁଥିବା ପିତ୍ତଳକୁ ସଫା କରନ୍ତି ସାଗର
- ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ସେବାର ସୁଯୋଗ ମିଳେ

ପୁରୀ ଅଫିସ,୨୮।୬


ରଥରେ ଲାଗୁଥିବା ପିତ୍ତଳ ସାମଗ୍ରୀକୁ ସାଗର ସାହୁ ସଫା କରୁଛନ୍ତି।

ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ବିଶ୍ୱକର୍ମା, ଭୋଇ ସେବକଙ୍କ ସମେତ ଅନେକ ସେବକ ଓ କାରିଗର ନିୟୋଜିତ ହୋଇଥାନ୍ତି। ମହାପ୍ରଭୁଙ୍କ ଏମିତି କିଛି ସେବା ରହିଛି ଯାହା ଶ୍ରୀମନ୍ଦିର ବାହାରେ ସମ୍ପାଦନ କରାଯାଇଥାଏ। ତେବେ ମହାପ୍ରଭୁଙ୍କ ସେବକ ନ ହୋଇ ମଧ୍ୟ ମହାପ୍ରଭୁଙ୍କ ସେବା କରିବା ପାଇଁ ସୁଯୋଗ ପାଇଥାନ୍ତି କେତେକ ପରିବାରର ବ୍ୟକ୍ତି। ଏହିପରି ଜଣେ ଭାଗ୍ୟବାନ ପରିବାର ହେଉଛି ପୁରୀ ସିଦ୍ଧ ମହାବୀର ଅଞ୍ଚଳର ସାଗର ସାହୁଙ୍କ ପରିବାର। ଶ୍ରୀମନ୍ଦିରର ସେବକ ହୋଇ ନ ଥିଲେ ମଧ୍ୟ ଠାକୁରଙ୍କ ଘୋଷଯାତ୍ରା ସମୟରେ ସାଗରଙ୍କ ପରିବାରକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୋଜାପଡିଥାଏ। ମହାପ୍ରଭୁଙ୍କ ତିନି ରଥରେ ଲାଗୁଥିବା କାରୁକାର୍ଯ୍ୟ ପୂର୍ଣ୍ଣ ପିତ୍ତଳ ସାମଗ୍ରୀଗୁଡିକୁ ପ୍ରତିବର୍ଷ ସଫା କରନ୍ତି ସାଗର ସାହୁଙ୍କ ପରିବାର। ବର୍ଷକୁ ମାତ୍ର ୧୫ ଦିନ ମହାପ୍ରଭୁଙ୍କ ସେବାର ସୁଯୋଗ ପାଇ ସାଗର ଓ ତାଙ୍କ ପରିବାର ନିଜକୁ ଭାଗ୍ୟବାନ ବୋଲି ମନେ କରିଥାନ୍ତି।

୧୯୯୦ ମସିହାରୁ ମହାପ୍ରଭୁଙ୍କ ସେବା କରି ଆସୁଛନ୍ତି ସାଗରଙ୍କ ପରିବାର। ପୂର୍ବରୁ ତାଙ୍କ ବାପା ଏହି କାର୍ଯ୍ୟ ଜାରି ରଖିଥିବା ବେଳେ ଏବେ ସେ ମହାପ୍ରଭୁଙ୍କ କାର୍ଯ୍ୟ କରୁଛନ୍ତି ଏବଂ ଏଥିରେ ତାଙ୍କ ପୁଅ ସାହାଯ୍ୟ କରୁଛି। ଘୋଷଯାତ୍ରା ସମୟରେ ମହାପ୍ରଭୁଙ୍କ ରଥ ଗଡିବା ସମୟରେ ଶ୍ରଦ୍ଧାଳୁଙ୍କ ନଜର ରଥକନା ଉପରେ ପଡିଥାଏ। ଏହି ରଥ କନାରେ ପିତ୍ତଳର ସଖୀ, କଦଳୀ ଗଛ ଓ ରାହୁମୁଣ୍ଡ ମଗର, ମାଉ କଳସ ଆଦି ପିତ୍ତଳ ସାମଗ୍ରୀର ସଫା କରିବାର ଦାୟିତ୍ୱ ନେଇଥାନ୍ତି ସାଗର ଓ ତାଙ୍କ ପରିବାର। ଏ ସମ୍ପର୍କରେ ସାଗର କୁହନ୍ତି, ବୃତ୍ତିରେ କଂସାରି, ପିତ୍ତଳ କାର୍ଯ୍ୟ କରେ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପରଦିନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଆସେ। ଚିଠି ମୁତାବକ ୧୬ଟି ପିତ୍ତଳ ଜିନିଷ ପ୍ରଦାନ କରାଯାଇଥାଏ। ଯେଉଁଥିରେ ପିତ୍ତଳ କାରୁକାର୍ଯ୍ୟ ପୂର୍ଣ୍ଣ ନିର୍ମିତ ମାଛ, ମଗରମୁଣ୍ଡ, ସଖୀ, ଯୋଡ଼ିହଂସ, ରାହୁମୁଣ୍ଡ, କଦଳୀ ଗଛ ଆଦି ରହିଥାଏ। ଏସବୁକୁ ମେଶିନ ଓ ହାତରେ ସଫା ସହ ଆବଶ୍ୟକ ହେଲେ ମରାମତି କରାଯାଏ। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରି ନେତ୍ରୋତ୍ସବ ପୂର୍ବଦିନ ଏସବୁକୁ ଶ୍ରୀମନ୍ଦିର ପ୍ରଶାସନ ଜିମା ଦିଏ। ଆମ ପରିବାରକୁ ଠାକୁରଙ୍କ ସେବା କରିବାର ସୁଯୋଗ ମିଳିଥିବାରୁ ବହୁତ ଖୁସି ବୋଲି ସାଗର ପ୍ରକାଶ କରିଛନ୍ତି।

## ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ମନ୍ତ୍ରୀ ଉଷା ଦେବୀ

ପୁରୀ ଅଫିସ, ୨୮।୬

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୁରୀର ପୂର୍ତ୍ତ ଅତିଥି ନିବାସଠାରେ ରଥଯାତ୍ରା ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଉତ୍ତମ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ନିରବଚ୍ଛିନ୍ନ ପାନୀୟ ଜଳ ବ୍ୟବସ୍ଥା, ଜଳ ନିଷ୍କାସନ, ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବା ନେଇ ମନ୍ତ୍ରୀ ଉଷା ଦେବୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପାର୍କିଂସ୍ଥଳ ପରିଦର୍ଶନ କରିଥିଲେ। ରଥଯାତ୍ରା ପରିପ୍ରେକ୍ଷୀରେ ବିଭାଗୀୟ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ବେହେରା, ୱାଟ୍‌କୋ ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ମିଶ୍ରଙ୍କ ସମେତ ବିଭାଗୀୟ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

### ବିଜୁ ସେତୁ ଭୁଶୁଡ଼ିବା ଘଟଣା

ଭୁବନେଶ୍ୱର,୨୮।୬(ବ୍ୟୁରୋ)

୨୦୨୧ରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼କୁମାର ପଞ୍ଚାୟତ ଅଧୀନ ତାଲାପଦର ନାଗୀନଦୀ ଉପରେ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ିବା ଘଟଣାରେ ମଙ୍ଗଳବାର ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଥିଲେ। ଘଟଣାରେ ରାଜ୍ୟ ସରକାର ଦାୟୀ ହୋଇଥିବାରୁ ମୃତକଙ୍କ ପରିବାରକୁ ୫ଲକ୍ଷ ଓ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ କାହିଁକି ଦିଆ ନ ଯିବ ବୋଲି କମିଶନ ପ୍ରଶ୍ନ କରି ଜବାବ ଦେବାକୁ ନୋଟିସ୍ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଉକ୍ତ କାରଣ ଦର୍ଶାଅ ନୋଟିସ୍‌ର କୌଣସି ସନ୍ତୋଷଜନକ ଉତ୍ତର ନ ମିଳିଲେ, କ୍ଷତିପୂରଣ ରାଶି ଦେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କମିଶନର କହିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ଥଇଥାନ କରିବା ଲାଗି ଜିଲାପାଳ ପଦକ୍ଷେପ ନେବାକୁ ମଧ୍ୟ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଞ୍ଜିତ୍


@ ସରିତ୍


@ ସୁଶାନ୍ତ


@ ସନ୍ତୋଷ


@ ମହେଶ୍ୱର


@ ଗୋଲପେଡ

## ଭାଇରାଲ ହେଉଛି ଅଧାପିକାଙ୍କ ଯୌନ ନିର୍ଯାତନା ଅଭିଯୋଗ ପତ୍ର

କଟକ ଅଫିସ,୨୮।୬- ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଜଣେ ଅଧାପିକାଙ୍କୁ ତାଙ୍କ ସହକର୍ମୀ ଯୌନ ନିର୍ଯାତନା ଦେଉଥିବା ନେଇ ଅଭିଯୋଗପତ୍ର ଏବେ ଭାଇରାଲ ହେବାରେ ଲାଗିଛି। ଅଧାପକ ଜଣକ ବିଶ୍ୱବିଦ୍ୟାଳୟର ସହକର୍ମୀଙ୍କ ସହ ଯୌନ କାରବାରରେ ଲିପ୍ତ ଥିବା ଅଭିଯୋଗକାରିଣୀ କୁଳପତି, କୁଳସଚିବ, ପିଜି କାଉନ୍‌ସିଲ ଅଧ୍ୟକ୍ଷାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗପତ୍ର ଏବେ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଅଭିଯୋଗକାରିଣୀ ତିନିକୋଣିଆ ବଗିଚା ଅଞ୍ଚଳର ହୋଇଥିବାବେଳେ ନିଜକୁ ଜଣେ ଅଧାପିକା ଭାବେ ପରିଚୟ ଦେଇଛନ୍ତି। କିନ୍ତୁ ପ୍ରକୃତରେ ଏହି ଅଭିଯୋଗରେ କେତେ ସତ୍ୟତା ରହିଛି ତାହା ସ୍ପଷ୍ଟ ହୋଇନାହିଁ। ଏ ସଂକ୍ରାନ୍ତରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏପରି ଏକ ଅଭିଯୋଗପତ୍ର ମୋ ନିକଟକୁ ଆସିଛି। ହେଲେ ଅଭିଯୋଗକାରିଣୀ ନିଜର ସମ୍ପୂର୍ଣ୍ଣ ଠିକଣା ଦେଇନାହାନ୍ତି। ଏପରି କି ଅଭିଯୋଗର ତଦନ୍ତ ପାଇଁ ତାଙ୍କ ସହ ଯୋଗାଯୋଗ କରିବାକୁ ମଧ୍ୟ କୌଣସି ମୋବାଇଲ ନମ୍ବର ଦେଇନାହାନ୍ତି। ତେଣୁ ଏହି ଅଭିଯୋଗର ସତ୍ୟତା ରହିଛି କି ନାହିଁ ତାହା ଏବେ ସୁଦ୍ଧା ବିଚାରକୁ ନିଆଯାଇନାହିଁ।

# ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଟୋ

ପୁରୀ ଅଫିସ,୨୮।୬

### ଟ୍ରାଫିକ୍ ଦାୟିତ୍ୱରେ ୪ ଏସ୍‌ପି, ୨୨ ଡିଏସ୍‌ପି

ରଥଯାତ୍ରାରେ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଉଛି ପୁରୀ ପୋଲିସ। ଏ ନେଇ ଏକ ବିସ୍ତୃତ ପ୍ଲାନ୍ ପ୍ରସ୍ତୁତ ପାର୍କିଂକୁ ଚାରିଚକିଆ ଯାନ ପଠାଯିବ। ଯେଉଁ ଗାଡ଼ି ଯେଉଁ ରାସ୍ତା ଦେଇ ପାର୍କିଂକୁ ଯାଇଥିବେ, ସେହି ରାସ୍ତା ଦେଇ ଫେରିବେ। ସେହିପରି ଦୁଇ ଚକିଆ ଯାନ ପାଇଁ ଜଗନ୍ନାଥବଲ୍ଲଭ ଓ ମଶାଣିଚଣ୍ଡୀଠାରେ ପାର୍କିଂ ବ୍ୟବସ୍ଥା ହେବ। ଅତିରିକ୍ତ ପାର୍କିଂ ବ୍ୟବସ୍ଥା ମଙ୍ଗଳାଘାଟରୁ ଶ୍ରୀସେତୁ ଅଞ୍ଚଳରେ କରାଯାଇପାରିବ। କୋଣାର୍କ ଦେଇ ଆସୁଥିବା ଦୁଇଚକିଆ ଯାନ ଚକ୍ରତୀର୍ଥ ରୋଡ୍ ଦେଇ ବ୍ଲୁଫ୍ଲାଗ୍ ବିଚ୍‌ରେ ଗାଡ଼ି ପାର୍କ କରିବେ। ସେହିଭଳି ଅତ୍ୟାବଶ୍ୟକ କଞ୍ଚାମାଲ ପରିବହନ ପାଇଁ ମଧ୍ୟରାତ୍ରରୁ ସକାଳ ୬ଟା ପର୍ଯ୍ୟନ୍ତ ସମୟ ଦିଆଯିବ। ଲୋଡିଂ ଓ ଅନଲୋଡିଂ ସେହି ସମୟସୀମା ମଧ୍ୟରେ ସାରିବାକୁ ପଡ଼ିବ। ଦିବ୍ୟାଙ୍ଗଙ୍କ ପାଇଁ ୧୦ଟି ଅଟୋର ବ୍ୟବସ୍ଥା ହୋଇଛି। ସେମାନଙ୍କୁ ବଳଗଣ୍ଡି ହାଇସ୍କୁଲ୍‌ରେ ରହିବା ପାଇଁ ବ୍ୟବସ୍ଥା ହେବ। ସେହିଠାରୁ ଦିବ୍ୟାଙ୍ଗମାନେ ରଥଯାତ୍ରା ଦେଖିବେ। ଟାଉନବସ୍ ଯୋଗେ ମାଳତୀପାଟପୁରରୁ ଯାତ୍ରୀମାନଙ୍କୁ ଅଠରନଳା ପର୍ଯ୍ୟନ୍ତ ଅଣାଯାଇପାରିବ। ସେହିଭଳି ତାଳବଣିଆ ପଟରୁ ଟାଉନବସ୍ ଖାଡ଼େଶ୍ୱରୀ ପର୍ଯ୍ୟନ୍ତ ଯିବ। ହୋଟେଲରୁ ଯାତ୍ରୀଙ୍କ ଷ୍ଟେଶନ କିମ୍ବା ବସ ଷ୍ଟାଣ୍ଡ ଯିବା ପାଇଁ ସ୍ୱତନ୍ତ୍ର ବସ୍ ଚିହ୍ନଟ ହୋଇଛି। ଅନ୍ୟପକ୍ଷେ ସହରକୁ ବଡ଼ଯାନ ପ୍ରବେଶ କରିପାରିବ ନାହିଁ। ସେହିଭଳି ଟ୍ରାଫିକ୍ ଦାୟିତ୍ୱରେ ୪ଜଣ ଏସ୍‌ପି କିମ୍ବା କମାଣ୍ଡାଣ୍ଟ ର୍‍ୟାଙ୍କର ଅଧିକାରୀ, ୨୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର, ୨୮ ପୋଲିସ ଅଧିକାରୀ ଓ ୪୩ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ଟ୍ରାଫିକ୍ ଡିଏସପି ମନୋବ୍ରତ ଶତପଥୀ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ପୁରୀ ଏସ୍‌ପି କନୱର ବିଶାଲ ସିଂ, ଡିଏସ୍‌ପି ଜିପି ଏସ୍. ଏସ୍. ନନ୍ଦ, କମାଣ୍ଡାଣ୍ଟ ସୁବାସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କାଜଲ ଗ୍ଲୋବାଲ ମିସ୍ ଏସିଆ ଇଣ୍ଟରନ୍ୟାଶନାଲ ଇଣ୍ଡିଆ


ଡ. କାଜଲ ମହାପାତ୍ର

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ଗ୍ଲୋବାଲ ମିସ୍ ଏସିଆ ଇଣ୍ଟରନ୍ୟାଶନାଲ ଇଣ୍ଡିଆର ମୁକୁଟ ପିନ୍ଧିଲେ ଓଡ଼ିଆ ଝିଅ ଡ. କାଜଲ ମହାପାତ୍ର। ସେ ଭୁବନେଶ୍ୱରରେ ରୁହନ୍ତି। ଆଗ୍ରାର ଦ' ରିଟ୍ରିଟଠାରେ ଗତ ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ସେ ୬ଟି ରାଉଣ୍ଡରୁ ଉନ୍ନୀତ ହୋଇ ଫାଇନାଲରେ ପହଞ୍ଚିଥିଲେ। ଟ୍ୟାଲେଣ୍ଟ, ପୁଲ୍, ଏଥ୍‌ନିକ୍, ଫର୍ମାଲ, ଇଣ୍ଟ୍ରୋ, କ୍ୟୁଏ ଭଳି ଗ୍ରାଉଣ୍ଡରେ ୬୦ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ କାଜଲ ଟାଇଟଲ ହାସଲ କରିଛନ୍ତି। ଛୋଟବେଳୁ ତାଙ୍କର ଫ୍ୟାଶନ ଓ ମଡେଲିଂ ପ୍ରତି ଆଗ୍ରହ ଥିବାବେଳେ ସାମାଜିକ ସେବା ପ୍ରତି ମଧ୍ୟ ତାଙ୍କର ରୁଚି ରହିଛି। ମା' ବେବୀ ଶତପଥୀ ଓ ବାପା ପ୍ରମୋଦ କୁମାର ମହାପାତ୍ରଙ୍କ ଝିଅ କାଜଲ ଆଗାମୀ ଦିନରେ ଥାଇଲାଣ୍ଡରେ ହେବାକୁ ଥିବା ଅନ୍ତଃରାଷ୍ଟ୍ରୀୟ ସୁନ୍ଦରୀ ପ୍ରତିଯୋଗିତାରେ ଦେଶର ନାମ ରଖିବାକୁ ଆଶା ରଖିଛନ୍ତି। କାଜଲ ମଣିପାଲ୍ ୟୁନିଭରସିଟିରେ ଡେଣ୍ଟିଷ୍ଟ କୋର୍ସ ସାରିଛନ୍ତି। ସେ ବିଭିନ୍ନ ପ୍ରକାରର ସାମାଜିକ କାମରେ ନିଜକୁ ନିୟୋଜିତ ରଖିଛନ୍ତି।


ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥରେ ଲଗାଯିବାକୁ ଘୋଡ଼ାକୁ ମଙ୍ଗଳବାର ଶିଳ୍ପୀ ରଙ୍ଗ ଦେଉଛନ୍ତି।


ରଥର ପ୍ରଭାରେ ଚିତ୍ରକର ସେବକ ଚିତ୍ର କରୁଛନ୍ତି।



ପୁରୀ ରଥଯାତ୍ରାରେ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ନେଇ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବେଳାଭୂମିରେ ବାଲୁକାକଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।

